# ସହଜ ଗ୍ରାମୀଣ ମିଶନ



### *ସହଜ ଯୋଗର ଉପକାରିତା :*

● ଉଚ୍ଚ ମାନବୀୟ ଚେତନା ଏବଂ ସଦ୍‌ଗୁଣର ପ୍ରାପ୍ତି ● ଚାପମୁକ୍ତ ଜୀବନ ● ଚିତ୍ତର ଏକାଗ୍ରତା ଏବଂ ସ୍ମରଣ ଶକ୍ତିରେ ବୃଦ୍ଧି ● ଭାବନାତ୍ମକ, ମାନସିକ ରୋଗଗୁଡ଼ିକରୁ ଏବଂ ଖରାପ ଆସକ୍ତିରୁ ମୁକ୍ତି ● ଆତ୍ମ ବିଶ୍ୱାସରେ ବୃଦ୍ଧି ● ଆଧ୍ୟାତ୍ମିକ ଅନୁଭବର ପ୍ରାପ୍ତି

### *ସହଜ କୃଷିରୁ ଲାଭ :*

● ଅଧିକ ଉତ୍ପାଦନ ● ରୋଗ ପ୍ରତିରୋଧକତା ● ଦୁଗ୍ଧ ଉତ୍ପାଦନରୁ ବୃଦ୍ଧି ● ପ୍ରାକୃତିକ ବିପତ୍ତିରୁ ସୁରକ୍ଷା ● ପଶୁମାନଙ୍କର ସ୍ୱାସ୍ଥ୍ୟରେ ଉନ୍ନତି ● ପଶୁ ଆହାରର ଗୁଣବତ୍ତାରେ ଉନ୍ନତି

## ସହଜ ଯୋଗ ଦ୍ୱାରା ନିଜକୁ ଜାଣନ୍ତୁ

**ଆତ୍ମସାକ୍ଷାତକାର ଦ୍ୱାରା ଜୀବନରେ ସନ୍ତୁଳନ, ଶାନ୍ତି, ଆନନ୍ଦ ଲାଭ କରନ୍ତୁ ।**
**ସହଜ ଯୋଗ ସମ୍ପୂର୍ଣ୍ଣ ମାଗଣା ଅଟେ, ଅଧିକ ଜାଣିବା ପାଇଁ ସଂପର୍କ କରନ୍ତୁ :**

**www.sahajayoga.org, www.sahajkrishi.org**
**Toll Free No. : 1800-2700-800**
**: SahajaGramin, : Sahaja_gramin**

## ସହଜ ଯୋଗ କ'ଣ ଅଟେ ?

ସହଜ ଯୋଗର ଆବିଷ୍କାର ଶ୍ରୀ ମାତାଜୀ ନିର୍ମଳା ଦେବୀ ୧୯୭୦ରେ ସମଗ୍ର ମାନବ ଜାତିର କଲ୍ୟାଣ ପାଇଁ କରିଥିଲେ । ସହଜ ଯୋଗରେ କୁଣ୍ଡଳିନୀ ଜାଗରଣ ଦ୍ୱାରା ନିର୍ବିଚାର ଏବଂ ମାନସିକ ଶାନ୍ତିରୁ ଲୋକମାନଙ୍କ ଆତ୍ମବୋଧ ହୋଇଥାଏ ଓ ନିଜେ ନିଜକୁ ଜାଣିବାରେ ସହାୟତା ମିଳିଥାଏ । ଶ୍ରୀ ମାତାଜୀ ନିର୍ମଳା ଦେବୀଙ୍କ ଦ୍ୱାରା ବିକଶିତ ଏହି ଯୋଗ ଶାରୀରିକ, ମାନସିକ ଏବଂ ଭାବନାତ୍ମକ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଅତ୍ୟନ୍ତ ଲାଭଦାୟକ ଅଟେ ।

ସହଜ ଯୋଗରେ ସହଜ ମୁଦ୍ରାରେ ବସି ଧ୍ୟାନ କରାଯାଇଥାଏ । ଧ୍ୟାନ ସମୟରେ ଏହାର ଅଭ୍ୟାସ କରୁଥିବା ଲୋକମାନଙ୍କର ମୁଣ୍ଡରୁ ହାତ ପର୍ଯ୍ୟନ୍ତ ଥଣ୍ଡା ପବନର ଅନୁଭୂତି ଆସିଥାଏ । ଚିକିତ୍ସକମାନେ ସହଜ ଯୋଗର ଅନ୍ୟ ପ୍ରଭାବଗୁଡ଼ିକ ବିଷୟରେ ମଧ୍ୟ କହିଛନ୍ତି । ଏହି ଯୋଗକୁ କରିବା ଦ୍ୱାରା ଲୋକଙ୍କୁ ଚାପରୁ ମୁକ୍ତି ଓ ଆରାମ ମିଳିଥାଏ ।

ସହଜ ଯୋଗର ଅର୍ଥକୁ ଯଦି ଆମେ ବ୍ୟାପକ ଅର୍ଥରେ ଦେଖିବା, ତେବେ 'ସହ'ର ଅର୍ଥ ହେଲା ଆମ ସହିତ, 'ଜ'ର ଅର୍ଥ ହେଲା ଜନ୍ମ ନେବା ଓ 'ଯୋଗ'ର ଅର୍ଥ ହେଲା ଯୋଡ଼ି ହେବା । ଏହି ଯୋଗ ଘଟିତ ହେବାକ୍ଷଣି ମାନବ ଉପରେ ପରମାତ୍ମାଙ୍କର କୃପା ବର୍ଷା ହୋଇଥାଏ, ଯାହାଦ୍ୱାରା ତାହାର ଅନ୍ତଃର୍ନିହିତ ପ୍ରତିଭା ଫୁଟି ଉଠେ, ସେ ଚାପମୁକ୍ତ ଜୀବନ ପାଇବା ସହ ନିଃସ୍ୱାର୍ଥ ପ୍ରେମ ଏବଂ ଆନନ୍ଦରେ ଲିପ୍ତ ହୋଇଯାଇଥାଏ ।

ପ୍ରତ୍ୟେକ ମନୁଷ୍ୟର ଶରୀରରେ ଜନ୍ମରୁ ଏହି ସୂକ୍ଷ୍ମତନ୍ତ୍ର ରହିଥାଏ । ଯେଉଁଥିରେ ତିନୋଟି ନାଡ଼ୀ, ସାତ ଚକ୍ର ଓ ପରମାତ୍ମାଙ୍କ ଦ୍ୱାରା ଦିଆଯାଇଥିବା ଶକ୍ତି ବିଦ୍ୟମାନ ଥାଏ । ପରମାତ୍ମାଙ୍କ ଏହି ଶକ୍ତି ଯାହାକି କୁଣ୍ଡଳିନୀ ଶକ୍ତି ନାମରେ ସମସ୍ତେ ଜାଣନ୍ତି । ତାହା ଆମର ମେରୁଦଣ୍ଡର ସବୁଠାରୁ ନିମ୍ନଭାଗରେ ସୁପ୍ତ ଅବସ୍ଥାରେ ରହିଥାଏ ।

ଶ୍ରୀ ମାତାଜୀ ନିର୍ମଳା ଦେବୀଙ୍କର ସହଜ ଯୋଗ ଦ୍ୱାରା କୁଣ୍ଡଳିନୀ ଶକ୍ତିର ଜାଗରଣ ସହଜରେ ହୋଇଥାଏ ଓ ମନୁଷ୍ୟ ଯୋଗ ଅବସ୍ଥାକୁ ପ୍ରାପ୍ତ କରିଥାଏ ।

**ଏହି ଯୋଗ ପରମାତ୍ମାଙ୍କ ସର୍ବବ୍ୟାପୀ ଶକ୍ତି ସହିତ ଯୋଡ଼ି ହେବାର ଅତ୍ୟନ୍ତ ସରଳ ମାର୍ଗ ଅଟେ ।**

ଗୁରୁ ନାନକ, ସନ୍ଥ ଜ୍ଞାନେଶ୍ୱର ଆଦି ମହାନ୍ ଜ୍ଞାନୀମାନଙ୍କ ପ୍ରବଚନରେ ସହଜ ଯୋଗର ଉଲ୍ଲେଖ ମିଳିଥାଏ । ସହଜ ଯୋଗର ସାହାଯ୍ୟରେ କେତେକ ଅସାଧ୍ୟ ରୋଗରୁ ମୁକ୍ତି ମିଳିଥାଏ । ଏହାଦ୍ୱାରା ମାନସିକ, ଶାରୀରିକ, ମନୋବୈଜ୍ଞାନିକ ଆଦି ଲାଭ ଶରୀରକୁ ମିଳିଥାଏ । ଏହା ଆତ୍ମଜ୍ଞାନ ପାଇବାର ଅତ୍ୟନ୍ତ ସୁଲଭ ଧ୍ୟାନ ପଦ୍ଧତି ଅଟେ ।

ଏହି ପଦ୍ଧତିକୁ ଶିଖି ପ୍ରତ୍ୟେକ ଲୋକ ନିଜର ସମସ୍ତ କାର୍ଯ୍ୟ ଓ ଜୀବନକୁ ସଫଳ କରିପାରିବେ । ଏହାଦ୍ୱାରା ଚାପ ଦୂର ହୋଇଥାଏ । ଏହାକୁ ଅଭ୍ୟାସ କରୁଥିବା ବ୍ୟକ୍ତି ପୂରାଦିନ ଶକ୍ତିସମ୍ପନ୍ନ ହୋଇ ରହିଥାଏ ।

# ସୂକ୍ଷ୍ମ ମାନବ ଶରୀର




**ବୀଜର ଅଙ୍କୁରଣ ହେବା ଏକ ଜୀବନ୍ତ ପ୍ରକ୍ରିୟା ଅଟେ । ଠିକ୍ ସେହିପରି କୁଣ୍ଡଳିନୀ ଶକ୍ତିର ଜାଗରଣ ମଧ୍ୟ ଏକ ଜୀବନ୍ତ କ୍ରିୟା ଅଟେ । ଆସନ୍ତୁ ନିଜ ଭିତରର ଐଶ୍ୱରୀୟ ଶକ୍ତିକୁ ସହଜ ଯୋଗ ଦ୍ୱାରା ଜାଗ୍ରତ କରିବା ।**



## ସହଜ ଯୋଗ କେମିତି କରିବା...

**୧. ଆତ୍ମସାକ୍ଷାତକାର ପ୍ରାପ୍ତ କରିବା-** ଯେଉଁ କୃଷକ ଅଥବା ସାଧାରଣ ଲୋକ ସହଜ କୃଷି କରିବାକୁ ରୁଚି ରଖୁଛନ୍ତି, ପ୍ରଥମେ ଆତ୍ମସାକ୍ଷାତକାର ପ୍ରାପ୍ତ କରିବା ଉଚିତ୍, ଯାହାକି ଏହି ପଦ୍ଧତିର ପ୍ରଥମ ସୋପାନ ଅଟେ । ଆତ୍ମସାକ୍ଷାତକାର ର ଅନୁଭବ ସେମାନେ ଆଖପାଖର ଯେ କୌଣସି ସହଜ ଯୋଗ ଧ୍ୟାନ କେନ୍ଦ୍ର ଅଥବା କୌଣସି ବ୍ୟକ୍ତି ଯିଏ କି ସହଜ ଯୋଗ ସହ ସମ୍ବନ୍ଧିତ ଅଟନ୍ତି, ତାଙ୍କଠାରୁ ପ୍ରାପ୍ତ କରି ପାରନ୍ତି ।

**୨. ସହଜ ଯୋଗର ପରିପକ୍ୱତା ପ୍ରାପ୍ତ କରିବା ପାଇଁ ଧ୍ୟାନ କରନ୍ତୁ-** ଆତ୍ମସାକ୍ଷାତକାର ପାଇଁ ନିଜର ସୂକ୍ଷ୍ମ ତନ୍ତ୍ରର ପରିପକ୍ୱତା ଆଣିବା ନିତ୍ୟାନ୍ତ ଆବଶ୍ୟକ ଅଟେ । ଯେତେବେଳେ ସେହି ସ୍ଥିତି ଆସେ ସେତେବେଳେ ଏହି ଶରୀର ତନ୍ତ୍ର କାର୍ଯ୍ୟ କରିବା ପାଇଁ ସକ୍ଷମ ହୋଇଥାଏ, ଯେଉଁଠାରେ ପରମାତ୍ମାଙ୍କ ଦିବ୍ୟ ଶକ୍ତି ଚୈତନ୍ୟ ରୂପରେ ମୁଣ୍ଡର ତାଲୁ ଭାଗ ଠାରୁ ଏବଂ ହାତରୁ ବହିବାକୁ ଲାଗିଥାଏ । ଏହା ଏକ ଏପରି ଦିବ୍ୟ ଅନୁଭବ ଅଟେ, ଇଚ୍ଛା ହୁଏ ସେହି ସ୍ଥିତିରେ ସବୁବେଳେ ରହିବାକୁ । ଏହା ସେହି ଶକ୍ତି ଅଟେ ଯାହାକୁ ଆମେ କୃଷିର କାର୍ଯ୍ୟକଳାପରେ ବ୍ୟବହାର କରିପାରିବା ।

ଯେଉଁ ମାଧ୍ୟମରୁ ଚାହାନ୍ତି କୃଷକ ଅଥବା ସାଧକ ଆତ୍ମସାକ୍ଷାତକାର ପ୍ରାପ୍ତ କରିପାରିବେ, ସେଠାରେ ମଧ୍ୟ ସହଜ ଯୋଗ ଧ୍ୟାନର ପ୍ରଣାଳୀ ସହ ପରିଚିତ ହୋଇପାରିବେ । ଅଧିକନ୍ତୁ ସୁବିଧାଜନକ ଏବଂ ସହଜରେ ସ୍ମରଣ ରଖିବା ପାଇଁ ଏହି ବିଧିକୁ ନିମ୍ନଲିଖିତ ପଂକ୍ତି ତଥା ଚିତ୍ରଗୁଡ଼ିକ ମାଧ୍ୟମରେ ବୁଝାଇ ଦିଆଯାଇପାରେ ।

## କୁଣ୍ଡଳିନୀ ଉଠେଇବା

ଏହି ପ୍ରକ୍ରିୟା ଆମର କୁଣ୍ଡଳିନୀ ଶକ୍ତିକୁ ଉଠେଇବା ତଥା ଆମ ମନକୁ ସ୍ଥିର କରିବାରେ ସାହାଯ୍ୟ କରିଥାଏ । ଏହ ଧ୍ୟାନ ପୂର୍ବରୁ ତଥା ଧ୍ୟାନ ପରେ ଆମ ପାଇଁ ଉପକାରୀ ଅଟେ ।



ବାମ ହାତର ପାପୁଲିକୁ ପେଟ ତଳକୁ ତଥା ଶରୀରର ସାମନାରେ ରଖିବା ।

୧. ବାମ ହାତକୁ ଧୀରେ ଧୀରେ ଉଠେଇ ମୁଣ୍ଡର ତାଲୁ ଭାଗ ଉପରକୁ ନେଇଯିବା । ଯେତେବେଳେ ବାମ ହାତ ଉପରକୁ ଯାଉଥିବ, ସେତେବେଳେ ଡାହାଣ ହାତକୁ ଘଡ଼ିର ସୂଚୀ ଦିଗରେ ବୁଲେଇବା ।



୨. ଡାହାଣ ହାତକୁ ଭିତର ପଟୁ ବାହାର ଆଡ଼କୁ ସେ ପର୍ଯ୍ୟନ୍ତ ବୁଲେଇବା, ଯେତେବେଳ ପର୍ଯ୍ୟନ୍ତ ଦୁଇଟି ହାତ ମୁଣ୍ଡର ତାଲୁ ପର୍ଯ୍ୟନ୍ତ ନ ଆସିଛନ୍ତି । ଏହି ପୂରା ପ୍ରକ୍ରିୟାରେ ନିଜର ମନ ବାମ ହାତର ପାପୁଲି ଉପରେ ରଖିବା ।



୩. ଏବେ ଦୁଇହାତକୁ ମୁଣ୍ଡ ଉପରକୁ ବୁଲେଇ ଏକ ଗଣ୍ଠି ପକେଇବା ।



୪. ଏହି ପ୍ରକ୍ରିୟାକୁ ଆମେ ତିନୋଟି ନାଡ଼ୀ ପାଇଁ ତିନିଥର କରିବା । ପ୍ରଥମ ଥର ଏକ ଗଣ୍ଠି ପଡ଼ିବ, ଦ୍ୱିତୀୟ ଥର ଦୁଇଟା ଗଣ୍ଠି ତଥା ତୃତୀୟ ଥର ତିନୋଟି ଗଣ୍ଠି ମୁଣ୍ଡର ତାଳୁ ଉପରେ ପକେଇବା ।

## ବନ୍ଧନ ନେବା




ବନ୍ଧନ ନେବା କେବଳ ଆମର ରକ୍ଷା କରେନି, ଅଧିକନ୍ତୁ ଏହା ଆମର ବାମ ତଥା ଡାହାଣ ନାଡ଼ୀଗୁଡ଼ିକୁ ସନ୍ତୁଳିତ ରଖେ । ବନ୍ଧନ ନେବା, ଧ୍ୟାନ ଆରମ୍ଭ କରିବା ପୂର୍ବରୁ ତଥା ଧ୍ୟାନ କରିବା ପରେ ଆପଣଙ୍କ ପାଇଁ ସାହାଯ୍ୟକାରୀ ଅଟେ । ବାମ ହାତ ପାପୁଲିକୁ ନିଜ କୋଳରେ ସ୍ଥିର କରି ରଖନ୍ତୁ ।

**ନିଜର ସିଧା ହାତ ବାମ ପାଖର ନିତମ୍ବ ସ୍ଥାନରୁ :**

୧. ଧୀରେ ଧୀରେ ଉଠାଇ ଶରୀରର ଡାହାଣ ଭାଗରୁ ତଳକୁ ନେଇ ଆସିବା ।

୨. ଏବେ ଧୀରେ ହାତକୁ ପୁଣି ବାମ ଆଡ଼କୁ ମୁଣ୍ଡର ତାଳୁ ଭାଗରୁ ଫେରେଇ ଆଣନ୍ତୁ (ଯେଉଁଠାରେ କୁଣ୍ଡଳିନୀର ପ୍ରବାହ ହେଉଅଛି) ଶରୀରର ବାମ ଭାଗରେ ଯେଉଁଠାରୁ ଆରମ୍ଭ କରିଥିଲେ, ସେଠାକୁ ପୁଣି ନେଇ ଆସନ୍ତୁ ।

୩. ଏହା ଏକ ବନ୍ଧନ ହୋଇଥାଏ । ପ୍ରତ୍ୟେକ ଚକ୍ରକୁ ସୁରକ୍ଷା ପ୍ରଦାନ କରିବା ପାଇଁ ଉପରୋକ୍ତ ପ୍ରକ୍ରିୟାକୁ ସାତଥର କରିବା ।

## ସନ୍ତୁଳନ ଓ ଧ୍ୟାନ

ଧ୍ୟାନାବସ୍ଥା ପ୍ରାପ୍ତ କରିବାକୁ ନିଜକୁ ସନ୍ତୁଳନରେ ଆଣିବା ଆବଶ୍ୟକ ଅଟେ (ସନ୍ତୁଳନର ଅର୍ଥ ଭୂତକାଳ ଓ ଭବିଷ୍ୟକାଳକୁ ଛାଡ଼ି ବର୍ତ୍ତମାନରେ ରହିବା) । ଶରୀର ବାମ ଓ ଡାହାଣ ଭାଗକୁ ଶୁଦ୍ଧକରି ସନ୍ତୁଳନ ପ୍ରାପ୍ତ କରାଯାଇପାରେ । ଏହାର ବିଧି ନିମ୍ନଲିଖିତ ଅଟେ :



ପରମ ପୂଜ୍ୟ ଶ୍ରୀ ମାତାଜୀଙ୍କ ବିନ୍ଦିକୁ ଦେଖୁଥିବା ବେଳେ ନିଜର ବାମ ହାତ କୋଳ ଉପରେ ଶ୍ରୀ ମାତାଜୀଙ୍କ ଆଡ଼କୁ ରଖିବା ତଥା ଡାହାଣ ହାତ ପାପୁଲିକୁ ଭୂମି ଉପରେ ରଖି ପ୍ରାର୍ଥନା କରିବା, "ପରମ ପୂଜ୍ୟ ଶ୍ରୀମାତାଜୀ, କୃପାକରି ମୋର ଶରୀରର ବାମ ଭାଗରେ ଥିବା ସମସ୍ତ ବିକାରକୁ ଦୂର କରନ୍ତୁ ।" କୃପାକରି ଆପଣ ଆମର ଜଡ଼ତାକୁ ପୃଥିବୀ ତତ୍ତ୍ୱରେ ବିଲୀନ କରନ୍ତୁ ।



କିଛି ସମୟ ଏହି ଅବସ୍ଥାରେ ରହିବା ପରେ ନିଜର ଡାହାଣ ହାତ ପରମ ପୂଜ୍ୟ ଶ୍ରୀମାତାଜୀଙ୍କ ଆଡ଼କୁ ରଖିବା ତଥା ବାମ ହାତ କହୁଣି ଭାଙ୍ଗି (ପାପୁଲି ପଛ ଆଡ଼କୁ ରଖି) ଆକାଶ ଆଡ଼କୁ ଉଠାଇ ରଖିବା । ପ୍ରାର୍ଥନା କରିବା, "ପରମ ପୂଜ୍ୟ ଶ୍ରୀମାତାଜୀ, କୃପାକରି ମୋର ଶରୀରର ଡାହାଣ ଭାଗକୁ ଶୁଦ୍ଧ କରି ଦିଅନ୍ତୁ ।" କୃପାକରି ଆମର ଅହଂକାର, କ୍ରୋଧ ଏବଂ କର୍ତ୍ତାଭାବ ଆକାଶ ତତ୍ତ୍ୱରେ ବିଲୀନ କରନ୍ତୁ । କୃପାକରି ମୋତେ ବିନମ୍ରତା ପ୍ରଦାନ କରନ୍ତୁ । ଏହି ଅବସ୍ଥାରେ କିଛି ସମୟ ବସନ୍ତୁ ।



ତାହାପରେ ନିଜର ଦୁଇହାତ (ହୃଦୟ ସ୍ତରକୁ ଆଣି) ଶ୍ରୀମାତାଜୀଙ୍କ ଆଡ଼କୁ ରଖି ପୂର୍ଣ୍ଣ ହୃଦୟରୁ ପ୍ରାର୍ଥନା କରିବା, "ଶ୍ରୀମାତାଜୀ, କୃପାପରି ଆମକୁ ନିର୍ବିଚାରିତା ପ୍ରଦାନ କରନ୍ତୁ । ଆମକୁ ଧ୍ୟାନାବସ୍ଥାକୁ ନେଇ ଯାଆନ୍ତୁ ।"

## ନିୟମିତ ଭାବରେ ଧ୍ୟାନ କରନ୍ତୁ :

ସହଜ ଯୋଗରେ ଆତ୍ମସାକ୍ଷାତକାର ପ୍ରାପ୍ତ କରିବା ପରେ ନିୟମିତ ଭାବରେ ସକାଳେ ଏବଂ ସନ୍ଧ୍ୟାରେ ଧ୍ୟାନ କରିବା ଏକ ସାଧକର ଆଧ୍ୟାତ୍ମିକ ଜୀବନକୁ ପ୍ରଗତିଶୀଳ କରାଇଥାଏ । ଫଳସ୍ୱରୂପ ତା'ର ଚୈତନ୍ୟିତ ଜାଗରୁକତା ବଢ଼ିଥାଏ ଏବଂ ତା'ର ଶରୀରରୁ ଯେବେ ଏଇ ଦିବ୍ୟଶକ୍ତି ପ୍ରବାହ ହୋଇଥାଏ, ଏହାର ଉପଯୋଗ ସେ ସକରାତ୍ମକ କାର୍ଯ୍ୟରେ କରିଥାଏ । ଏହା ହେଉଛି ସେହି ଶକ୍ତି ଯାହା ଏକ କୃଷକର ଜମିରେ ଉର୍ବରତା ବଢ଼ାଇବା ସଙ୍ଗେ ସଙ୍ଗେ ଏକ ସାଧକ ଅନେକ କାର୍ଯ୍ୟ ପାଇଁ ଉପଯୋଗ କରିଥାଏ ।

### ସାମୂହିକ ସହଜ ଯୋଗ ଧ୍ୟାନରେ ଭାଗ ନିଅନ୍ତୁ :

ଯଦ୍ୟପି ଦୁଇଥର ଧ୍ୟାନ ଘରେ ହିଁ କରିବା କଥା, ସେହିପରି ସପ୍ତାହରେ ଥରେ ସାମୂହିକ ଧ୍ୟାନରେ ଭାଗ ନେବା, ଆମର ଆଧ୍ୟାତ୍ମିକ ପ୍ରଗତିକୁ ସୁନିଶ୍ଚିତ କରିଥାଏ, ଯାହା ଅତ୍ୟନ୍ତ ଲାଭକାରୀ ହୋଇଥାଏ ।

## ପ୍ରତିଦିନ ଚୈତନ୍ୱିତ ସଚେତନତା ଅନୁଭବ କରିବା :

ପ୍ରତିଦିନ ନିୟମିତ ଧ୍ୟାନଦ୍ୱାରା ସାଧକର ହାତରେ ଚୈତନ୍ୟ ଲହରୀ ଗୁଡ଼ିକ ଏକ ଦିବ୍ୟ ଶକ୍ତି ରୂପରେ ପ୍ରବାହିତ ହୋଇଥାଏ, ଯାହାର ପ୍ରୟୋଗ ଏକ କୃଷକ ନିଜର କ୍ଷେତରେ ଉତ୍ପାଦନ ବଢ଼ାଇବା ପାଇଁ କରିପାରେ । ନା କେବଳ କ୍ଷେତରେ ବରଂ ଏହି ଚୈତନ୍ୟ ଲହରୀଗୁଡ଼ିକ ଉପଯୋଗ କରି କୃଷକ ନିଜ ଜୀବନକୁ ଖୁସି ଓ ସମୃଦ୍ଧମୟ ମଧ୍ୟ କରିପାରିବ । ଏକ ସାଧକ ପ୍ରତିଦିନ ଏହି ପ୍ରବାହ ଅନୁଭବ କରିବା ଉଚିତ୍ । ତେବେ ଯାଇ ଏହାର ପ୍ରଭାବଶାଳୀ ପ୍ରୟୋଗ ହୋଇପାରେ ।

## କୃଷିପାଇଁ ସହଜ ଯୋଗର କୌଶଳକୁ ଲାଗୁ କରିବା ଉଚିତ୍ :

ଥରେ ଆମେ ସହଜ ଯୋଗରେ ସ୍ଥାପିତ ହୋଇଗଲେ, ତାପରେ ଚୈତନ୍ୟର ଶକ୍ତି, ଯାହା ଆମ ଶରୀରରେ ପ୍ରଭାବଶାଳୀ ରୂପେ ରୂପାନ୍ତରିତ ହୋଇଥାଏ, ଏହା ଆମର କୃଷି ଉତ୍ପାଦନ ବଢ଼ାଇବାରେ ସହାୟତା ପ୍ରଦାନ କରେ । କିନ୍ତୁ ସହଜ କୃଷି କେମିତି କରିବା, ଏହାପାଇଁ ଆମେ ଅନୁଭବୀ ସହଜ ଯୋଗୀମାନଙ୍କର ସାହାଯ୍ୟ ନେବା ଲାଭକାରୀ ହୋଇଥାଏ, ବିଶେଷ କରି ଯାହାଙ୍କର ସହଜ କୃଷି ବିଷୟରେ ଜ୍ଞାନ ଥାଏ । ଏହାପାଇଁ ନିକଟତର ସହଜ ଯୋଗ ଧ୍ୟାନ କେନ୍ଦ୍ର ସହିତ ସମ୍ପର୍କ ରଖିବା ଉଚିତ୍ । କିଛି ଉପଯୋଗୀ ସୂଚନା ନିମ୍ନଲିଖିତ ଅଟେ ।

## ସହଜ ଯୋଗ କୃଷିକ୍ଷେତ୍ରରେ ମଧ୍ୟ ଏକ ବରଦାନ ଅଟେ ।

"............... କୃଷି କ୍ଷେତ୍ରରେ ମଧ୍ୟ ସହଜ ଯୋଗର ଅନେକ ଅନୁସନ୍ଧାନ କାର୍ଯ୍ୟ ହୋଇଅଛି । ଏକ ସହଜ ଯୋଗୀ ଭାଇ ଯିଏ କୃଷି ବିଶେଷଜ୍ଞ ଅଟନ୍ତି, ସେ ଆତ୍ମସାକ୍ଷାତକାର ପାଇ ସାରିବା ପରେ ଚୈତନ୍ୟ ଲହରୀ ଉପରେ ବହୁତ ଅନୁସନ୍ଧାନ କରିଛନ୍ତି । ଜଳକୁ ଚୈତନ୍ୱିତ କରି ଯଦି ଆପଣ ଗଛଲତା ଉପରେ ଛିଞ୍ଚିବେ, ଅଳ୍ପ ସମୟ ମଧ୍ୟରେ ଆପଣଙ୍କ ଦଶଗୁଣା ଫସଲ ପ୍ରାପ୍ତ ହୋଇପାରେ । ଏହି କାର୍ଯ୍ୟ ଭାରତର ରାହୁରୀ କୃଷି ବିଶ୍ୱବିଦ୍ୟାଳୟରେ ହୋଇଅଛି । ଏହି ବିଶେଷଜ୍ଞମାନେ ଜାଣିବାକୁ ପାଇଲେ ଯେ ଏକ ସର୍ବସାଧାରଣ ଗଛଲତା ଓ ଚୈତନ୍ୱିତ ଜଳ ପଡ଼ିଥିବା ଗଛଲତାର ବିକାଶରେ ବହୁତ ଅନ୍ତର ଥାଏ । କୃଷିକ୍ଷେତ୍ରରେ ଆମେ ଏକ ଅନ୍ୟ ପରିଣାମ ଦେଖିବାକୁ ପାଇଛୁ ଯେ, ଆପଣ ଗାଈକୁ ଚୈତନ୍ୟ ପ୍ରଦାନ କଲେ କ୍ଷୀର ଉତ୍ପାଦନ ବହୁତ ବଢ଼ିଥାଏ ।

ଭାରତର କୃଷିକ୍ଷେତ୍ରରେ ମଧ୍ୟ ଏହାଦ୍ୱାରା ବହୁତ ସହାୟତା ମିଳିପାରିବ । ସରକାର ଆମକୁ ବହୁତ ଜମି ଦେଇଛନ୍ତି, ଯାହା ଆମେ କୃଷିର କ୍ଷେତ୍ରପାଇଁ ପ୍ରୟୋଗ କରିବୁ ଓ ପରିଣାମ ବାହାର କରିବୁ । ଚୈତନ୍ୟ ଲହରୀର କେଉଁ ପ୍ରକାର ଉପଯୋଗ କରାଯାଇପାରିବ, କିଛି ସହଜ ଯୋଗୀ କୃଷକମାନେ ବହୁତ ବଡ଼ କାମ କରିଛନ୍ତି । ସେମାନେ ଅନୁସନ୍ଧାନ କରି ଜାଣି ପାରିଛନ୍ତି ଯେ, ଚୈତନ୍ୟ ଲହରୀର ପଶୁମାନଙ୍କ ଓ କ୍ଷେତ ଉପରେ କେତେ ଭଲ ପ୍ରଭାବ ପଡ଼ିଥାଏ ।

**ପରମ ପୂଜ୍ୟ ମାତାଜୀ ଶ୍ରୀ ନିର୍ମଳା ଦେବୀ**
**(ସନ୍ଦର୍ଭ : ନିର୍ମଳ ସୁରଭି, ପୃ.ସଂ. ୨୩୬)**





## ସହଜର ତତ୍ତ୍ୱ (ସାରକଥା)

ଶ୍ରୀ ମାତାଜୀଙ୍କ ଅନୁସାରେ ଭାଇବ୍ରେସନ୍ (ଚୈତନ୍ୟ ଲହରୀ/ସ୍ପନ୍ଦନ) ଏକ ଜୀବନ୍ତ ପ୍ରକ୍ରିୟା ଅଟେ ଯାହାକି ବିଚାର କରେ ଏବଂ କାର୍ଯ୍ୟ କରେ । ଯେପରି ଲୁହା ଉପରେ ଚୁମ୍ବକର ପ୍ରଭାବ ଥାଏ, ସେପରି ଏହା କାମ କରିଥାଏ । ଏହି ଚୈତନ୍ୟ ଲହରୀ ଗୁଡ଼ିକର ପ୍ରଭାବ ଜୀବନ୍ତ ଜିନିଷଗୁଡ଼ିକ ଉପରେ କ୍ରମଶଃ ପୃଥିବୀ, ପାଣି, ଗଛଲତା, ବାତାବରଣ ସହ ମନୁଷ୍ୟର ବିକାଶ ଉପରେ ମଧ୍ୟ ପଡ଼ିଥାଏ । ଏଣୁ ଆମେ ସହଜ କୃଷିକୁ ବଗିଚା କାମ, ଫଳ, ଫୁଲ, ପନିପରିବା, ମସଲା, ଔଷଧ, ପଶୁପାଳନ, ମହୁମାଛି ପାଳନ, ଜିଆଯୁକ୍ତ ଖତ, କୁକୁଡ଼ା ପାଳନ, ଛତୁ, ମାଛଚାଷ ଇତ୍ୟାଦିରେ ପ୍ରୟୋଗ କରି ଅଧିକ ଭଲ ଉତ୍ପାଦନ ପାଇବା ସହ ଆନନ୍ଦରେ ଜୀବନ କାଟିପାରିବା ।




ଯେତେବେଳେ ଆମେ ଧ୍ୟାନ କରୁ ଆମର ଚକ୍ର ପରିଷ୍କାର ହୋଇଯାଏ, ଶୁଦ୍ଧ ଓ ସନ୍ତୁଳିତ ହୋଇଥାଏ, ଯେଉଁଥିପାଇଁ ଆମ ଶରୀରର ବିଭିନ୍ନ ରୋଗଗୁଡ଼ିକ (ଶାରୀରିକ, ମାନସିକ, ଭାବନାତ୍ମକ) ଆରୋଗ୍ୟ ଲାଭ କରିଥାଏ । ଏଥିଯୋଗୁଁ ଶୁଦ୍ଧ, ପ୍ରାମାଣିକ ଧ୍ୟାନ ଫଳରେ ଆମର ଅନ୍ୟ ସମସ୍ତ ସମସ୍ୟାଗୁଡ଼ିକ ମଧ୍ୟ ଠିକ୍ ହୋଇଯାଆନ୍ତି ।

**ସହଜ କୃଷି ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅଟେ ।**





ପରମ ପୂଜ୍ୟ ଶ୍ରୀ ମାତାଜୀ ନିର୍ମଳା ଦେବୀ

## ସହଜ କୃଷି କୌଶଳ

ଚୈତନ୍ୟ ଲହରୀଗୁଡ଼ିକର ପ୍ରଭାବ ମାନବ ଶରୀର ବିକାଶ ସହିତ ସମସ୍ତ ଜୀବନ୍ତ ଜିନିଷଗୁଡ଼ିକ ଉପରେ କ୍ରମଶଃ ମାଟି, ପାଣି, ଗଛଲତା, ବାତାବରଣ ଉପରେ କାର୍ଯ୍ୟ କରିଥାଏ । ଯାହାକୁ ଆମେ ସହଜ କୃଷି, ଉଦ୍ୟାନ, ପଶୁପାଳନ, ମହୁଚାଷ, କୁକୁଡ଼ା ଚାଷ, ଛତୁଚାଷ, ମାଛ ଚାଷ, ଟିସୁ କଲଚର୍, ଖାଦ୍ୟାନ୍ନ, ଫଳ, ପନିପରିବା, ମସଲା, ଔଷଧୀୟ, ଫୁଲଚାଷ ଇତ୍ୟାଦିରେ ଆପଣାଇ ଅଧିକ ମୂଲ୍ୟର ତଥା ଉତ୍ପାଦନ ନେଇ ନିଜର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରି ଆନନ୍ଦରେ ରହି ପାରିବା । କୃଷକ ଭାଇମାନଙ୍କୁ ସହଜ କୃଷି ପ୍ରଣାଳୀ ବୁଝାଇ ଦିଆଯାଉଅଛି, ଯାହାକି ବହୁତ ସହଜ ଏବଂ ସରଳ ଅଟେ ।

୧. କୃଷକ, ସହଜ ଯୋଗୀ ହେବା ଦରକାର, ନିୟମିତ ଧ୍ୟାନ ଧାରଣା କରିବା ଏବଂ ସାମୂହିକତାରେ କାର୍ଯ୍ୟ କରିବା ଦରକାର ।

୨. କୃଷକ ସହଜ କୃଷିର ପ୍ରଭାବକୁ ଜାଣିବାପାଇଁ ଗୋଟିଏ ଜମିରେ ଚୈତନ୍ୟମୟ ମଞ୍ଜି ଏବଂ ପାଣିର ଉପଯୋଗ କରୁ ତଥା ଅନ୍ୟ ଜମିରେ କୃଷକ ଦ୍ୱାରା ଆପଣା ଯାଇଥିବା ବିଧିରେ ସାର, ଔଷଧର ପ୍ରୟୋଗ କରି ମୂଲ୍ୟାଙ୍କନ କରୁ ।

୩. ସର୍ବପ୍ରଥମେ ଶ୍ରୀ ମାତାଜୀ ନିର୍ମଳା ଦେବୀଙ୍କ ଫଟୋ ସମ୍ମୁଖରେ ଯେଉଁ ମଞ୍ଜିକୁ ଆପଣ ବୁଣିବାକୁ ଚାହୁଁଛନ୍ତି (ଫସଲ, ଡାଲି ଜାତୀୟ ଫସଲ, ତୈଳବୀଜ, ଫଳ, ଫୁଲ, ପନିପରିବା ମଞ୍ଜି, ଗଛ, ଧାନ, କଟିଙ୍ଗ୍ ଗୋଲାପ, ଆଖୁର ଖଣ୍ଡ ଏବଂ ଅନ୍ୟ ଜୀବନ୍ତ ସାମଗ୍ରୀ ରଖନ୍ତୁ, ତା' ସହିତ ଏକ ପାତ୍ର (ବାଲ୍‌ଟି)ରେ ପାଣି ସକାଳେ/ ସନ୍ଧ୍ୟା ବେଳକୁ ରଖନ୍ତୁ । ତାପର ଦିନ ଚୈତନ୍ୟମୟ ପାଣିକୁ ଯେଉଁଠାରେ ଆପଣ ମଞ୍ଜି ବୁଣିଥିଲେ, ହାତରେ ଛିଞ୍ଚି ଦିଅନ୍ତୁ ନଚେତ ସ୍ପ୍ରେୟରରେ ଭରି ପକେଇ ଦିଅନ୍ତୁ । ମାଟିକୁ ଖୋସାଇବା ସମୟରେ ଚୈତନ୍ୟମୟ ପାଣିକୁ ମାଠିଆରେ ଭରି ସେଥିରେ ଛୋଟ କଣା କରି ପାଣିର ନାଳୀ ଉପରେ ରଖି ଟୋପା ଟୋପା କରି ପୂରା ଜମିରେ ପକେଇ ଦିଅନ୍ତୁ । ପରେ ଚୈତନ୍ୟମୟ ମଞ୍ଜିକୁ ବୁଣନ୍ତୁ । ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଥର ଜଳସେଚନରେ ଶ୍ରୀମାତାଜୀଙ୍କ ଚୈତନ୍ୟମୟ ପାଣିର ଉପଯୋଗ କରିବେ ।

୪. ଜମିର ନକରାତ୍ମକତାକୁ ସମାପ୍ତ କରିବାପାଇଁ ଜମିର ଚାରିପାଖରେ ପାଣି ଥିବା ନଡ଼ିଆକୁ ଗଣେଶ ଅଥର୍ବଶୀର୍ଷ ପଢ଼ି ସ୍ଥାପନା କରନ୍ତୁ । ସହଜ ଯୋଗୀ/ଯୋଗିନୀ ସାମୂହିକ ଧ୍ୟାନ ଧାରଣା କରି ଶ୍ରୀ ମାତାଜୀଙ୍କୁ ପ୍ରାର୍ଥନା କରିବେ ଅଥବା ଜମିରେ ସାମୂହିକ ହୋମ କରିବେ ।

୫. ପାଣି ଏବଂ ଫସଲକୁ ଦୁଇହାତ ଆଗକୁ କରି ସାମୂହିକ ଚୈତନ୍ୟ ପ୍ରବାହିତ କରିବା, ଶାକାମ୍ବରୀ ବା ରତ୍ନମ୍ବରୀ ମନ୍ତ୍ରକୁ ଜପକରି ଫସଲ ଅଥବା ଜୀବନ୍ତ ଜିନିଷ ଉପରେ ଚୈତନ୍ୟ ଦେବା ।

୬. ପରମ ପୂଜ୍ୟ ଶ୍ରୀ ମାତାଜୀଙ୍କୁ ପ୍ରାର୍ଥନା କରିବା ଯେ ଏହି ଜମିର ଫସଲ ଆପଣଙ୍କର ଅଟେ, ଆପଣ କର୍ତ୍ତା ଅଟନ୍ତି, ଆପଣ ଭୋକ୍ତା ଅଟନ୍ତି, ଦୟାକରି ମୋ ଫସଲକୁ ଭଲ କରି ଦିଅନ୍ତୁ ।






କୃଷି ବିଜ୍ଞାନ କେନ୍ଦ୍ର, ଅହମ୍ମଦନଗର, ମହାରାଷ୍ଟ୍ର
ଗୁଆଁର ପରୀକ୍ଷଣ ରିପୋର୍ଟ-ବର୍ଷ - ୨୦୨୧
ଅମଳ-କ୍ୱିଣ୍ଟାଲ ପ୍ରତି ହେକ୍ଟର
ଚୈତନ୍ୱିତ - ୯.୪୦
ସାଧାରଣ - ୮.୬୦



ଫୁଲକୋବି - ଓଜନ ୫ କି.ଗ୍ରା.
ପାଲମପୁର ଗୁଜୁରାଟ



ବାଦାମର ଅମଳ ବଢ଼ିଲା- ୭୩%
ମହାରଣା ପ୍ରତାପ କୃଷି ବିଶ୍ୱବିଦ୍ୟାଳୟ,
ଉଦୟପୁର, ରାଜସ୍ଥାନ



ପଶୁର ଶାରୀରିକ ଓଜନ - ୧୫% ବଢ଼ିଲା
ବୈଜ୍ଞାନିକ ଡା. ହମିଦ୍ ମାୟଲାନୀ
ଭିଏନା, ଅଷ୍ଟ୍ରିଆ



ଅନୁସନ୍ଧାନ କାର୍ଯ୍ୟ ରାହୁରୀ କୃଷି ବିଶ୍ୱବିଦ୍ୟାଳୟ
ଅମଳ ବଢ଼ିଲା- ୧୪.୩ - ୫୦%



ସୂର୍ଯ୍ୟମୁଖୀ ଓ ମକା
ଅମଳ ବଢ଼ିଲା - ୨୦-୨୫%



# ସହଜ କୃଷିର କିଛି ପରିଣାମ



ପଂଜାବ ରାଓ ବିହାଡ଼େ, ମହାରାଷ୍ଟ୍ର
୯୫୫୨୨୭୩୦୦୧



ତରୁଣ ଚୌଧୁରୀ, ଦାଦରୀ
୮୦୧୦୦୦୬୮୬୮



ନରେଶ କୁମାର ସାହୁ, ରାଜସ୍ଥାନ
୯୦୭୯୨୩୮୦୨୧



କ୍ୟାପ୍ଟେନ୍ ରାଜେଶ କୁମାର ସାହୁ,
ଉତ୍ତର ପ୍ରଦେଶ, ମଚଲାଇ, ବଦାୟୁଁ



ସନ୍ଦିପ ଦେଶମୁଖ, ମହାରାଷ୍ଟ୍ର
ଡାଲିମ୍ବ ଫଳ



ପୁରଖା ରାମ କପ୍ତାନ, ରାଜସ୍ଥାନ
୯୪୧୪୫୬୦୪୪୪

## ଚୈତନ୍ୟିତ ଜଳ ଦ୍ୱାରା ଉପଚାରିତ କିଛି ଖାଦ୍ୟ ପଦାର୍ଥ




## ସହଜ ଯୋଗ କୃଷି ଶିଖାଉଥିବା କିଛ ବରିଷ୍ଠ ଅଧିକାରୀଗଣ



# ସହଜ କୃଷି ଉପରେ ହୋଇଥିବା ଅନୁସନ୍ଧାନ କାର୍ଯ୍ୟ

### ସହଜ କୃଷି ଉପରେ ହୋଇଥିବା ଅନୁସନ୍ଧାନ କାର୍ଯ୍ୟ

**ଗୋବିନ୍ଦ ବଲ୍ଲଭ ପନ୍ଥ ବିଶ୍ୱବିଦ୍ୟାଳୟ ଏବଂ ପ୍ରାଦ୍ୟୋଗିକୀ ପନ୍ଥ ନଗର, ଉତ୍ତରାଖଣ୍ଡ**

- ଲାଉ ୨.୫ ରୁ ୩ ଫୁଟ ଲମ୍ୱା ଯେତେବେଳେ ସାଧାରଣରେ ୧.୫ ଲମ୍ୱା
- ବିଲାତିର ଭରପୂର ଅମଳ
- ଆକର୍ଷକ, ମନମୋହକ ବଡ଼ ଆକାରର ଫୁଲର ଅମଳ





### ସହଜ କୃଷି ଉପରେ ହୋଇଥିବା ଅନୁସନ୍ଧାନ କାର୍ଯ୍ୟ

**କାର୍ଯ୍ୟ ମହାତ୍ମା ଫୁଲେ କୃଷି ବିଦ୍ୟାପୀଠ, ପୁଣେ**

- ହାରାହାରି ଗଛଲତାର ବୃଦ୍ଧି — ୦-୪୨.୯ ପ୍ରତିଶତ
- ଅଙ୍କୁରଣ କ୍ଷମତାରେ ବୃଦ୍ଧି — ୦-୨୦ ପ୍ରତିଶତ
- ଉତ୍ପାଦନ ମାନରେ ସୁଧର — ୪-୮୦ ପ୍ରତିଶତ
- ଫସଲ ଅମଳରେ ବୃଦ୍ଧି — ୧୪.୭-୫୦ ପ୍ରତିଶତ
- ପକ୍ଷୀମାନଙ୍କର ଓଜନରେ ସୁଧାର
- ଅଣ୍ଡା ଦେବାର କ୍ଷମତାରେ ସୁଧାର





### ସହଜ କୃଷି ଉପରେ ହୋଇଥିବା ଅନୁସନ୍ଧାନ କାର୍ଯ୍ୟ

**ଫସଲ ଅନୁସନ୍ଧାନ କେନ୍ଦ୍ର ଘାଘରା ଘାଟ, ଜିଲ୍ଲା ବହରାଇଚ, ନରେନ୍ଦ୍ର ଦେବ ବିଶ୍ୱବିଦ୍ୟାଳୟ, ଫୌଜାବାଦ, ୟୁ.ପି.**

- ଧାନର ଅମଳରେ ୨୯ ପ୍ରତିଶଦ ବଢ଼ିଲା
- ଗହମର ଅମଳରେ ୨୮ ପ୍ରତିଶତ ବଢ଼ିଲା
- ଅମୃତଭଣ୍ଡା ୧.୫ ଗୁଣା ବଢ଼ିଲା ଚମକଦାର ଓ ବେମାରୀରହିତ





### ସହଜ କୃଷି ଉପରେ ହୋଇଥିବା ଅନୁସନ୍ଧାନ କାର୍ଯ୍ୟ

**କେନ୍ଦ୍ରୀୟ ଶୁଷ୍କ ଜୋନ୍ ଅନୁସନ୍ଧାନ କେନ୍ଦ୍ର, ଯୋଧପୁର(ରାଜସ୍ଥାନ)**




ମୁଗର ଅମଳରେ ୩୦ ପ୍ରତିଶତ ବୃଦ୍ଧି

### ସହଜ କୃଷି ଉପରେ ହୋଇଥିବା ଅନୁସନ୍ଧାନ କାର୍ଯ୍ୟ

ସରସୋଂ ଅନୁସନ୍ଧାନ କେନ୍ଦ୍ର, ଭରତପୁର, ରାଜସ୍ଥାନ



ସୋରିଷର ଅମଳରେ ୧୨ ପ୍ରତିଶତ ବଢ଼ିଲା ।

### ସହଜ କୃଷି ଉପରେ ହୋଇଥିବା ଅନୁସନ୍ଧାନ କାର୍ଯ୍ୟ

କେନ୍ଦ୍ରୀୟ ଶୁଷ୍କ ଉଦ୍ୟାନିକୀ ସଂସ୍ଥାନ, ବିକାନେର (ରାଜସ୍ଥାନ)



ଯବ ଶସ୍ୟର ଉତ୍ପାଦନ ୨୦.୬୧ ପ୍ରତଶତ ପର୍ଯ୍ୟନ୍ତ ବଢ଼ିଲା

### ସହଜ କୃଷି ଉପରେ ହୋଇଥିବା ଅନୁସନ୍ଧାନ କାର୍ଯ୍ୟ

**କୃଷି ବିଜ୍ଞାନ କେନ୍ଦ୍ର, ଦହିଗାଓ, ଅହମଦନଗର, ମହାରାଷ୍ଟ୍ର**



ଗୁଆଁରର ଅମଳରେ ୯.୩ ପ୍ରତିଶତ ବଢ଼ିଲା

### ସହଜ କୃଷି ଉପରେ ହୋଇଥିବା ଅନୁସନ୍ଧାନ କାର୍ଯ୍ୟ

ସହଜ ଯୋଗ କେନ୍ଦ୍ର, ଜୟପୁର
(ଜି.ଡ଼ି. ପାରିକ ସଂଯୁକ୍ତ ନିର୍ଦ୍ଦେଶକ କୃଷି ରାଜସ୍ଥାନ, ସରକାର)




ଗହମର ଅମଳରେ ୨୦-୨୫ ପ୍ରତିଶତ ବଢ଼ିଲା (୨ ବର୍ଷ ଆଧାରରେ)

### ସହଜ କୃଷି ଉପରେ ହୋଇଥିବା ଅନୁସନ୍ଧାନ କାର୍ଯ୍ୟ

**ମହାରାଣା ପ୍ରତାପ କୃଷି ବିଶ୍ୱବିଦ୍ୟାଳୟ ଏବଂ ଟେକ୍ନୋଲୋଜି, ଉଦୟପୁର**



ବାଦାମର ଅମଳରେ ୭୩ ପ୍ରତିଶତ ବଢ଼ିଲା

### ସହଜ କୃଷି ଉପରେ ହୋଇଥିବା ଅନୁସନ୍ଧାନ କାର୍ଯ୍ୟ

ଡା. ହମିଦ୍ ମାୟଲାନୀ ଭିଏନା (ଅଷ୍ଟ୍ରିଆ)ୟୁରୋପ



ଗଛଲତାର ବୃଦ୍ଧିର ଅନୁପାତ ସୂର୍ଯ୍ୟମୁଖୀରେ ୭୫-୮୦ ପ୍ରତିଶତରୁ ବଢ଼ି ୯୫-୧୦୦ ପ୍ରତିଶତ ଯେଉଁଥିରେ ସୂର୍ଯ୍ୟମୁଖୀ ଅମଳରେ ୨୦-୨୫ ପ୍ରତିଶତ ବଢ଼ିଲା

## ସହଜ କୃଷି ଉପରେ ହୋଇଥିବା ଅନୁସନ୍ଧାନ କାର୍ଯ୍ୟ

ଡା. ହମିଦ୍ ମାୟଲାନୀ ଭିଏନା (ଅଷ୍ଟ୍ରିଆ)ୟୁରୋପ



ପଶୁମାନଙ୍କ ଓଜନରେ ୧୫ ପ୍ରତିଶତ ବୃଦ୍ଧି

## ସହଜ କୃଷି ଉପରେ ହୋଇଥିବା ଅନୁସନ୍ଧାନ କାର୍ଯ୍ୟ

ଡା. ହମିଦ୍ ମାୟଲାନୀ ଭିଏନା (ଅଷ୍ଟ୍ରିଆ)ୟୁରୋପ




ପାଣିର ଅଣୁର ସଂରଚନାରେ ପରିବର୍ତ୍ତନ- ୧୦୪.୫୦ରୁ ବୃଦ୍ଧିପାଇ ୧୦୮.୪୫୦,
ପାଣିର ବିଘଟନ କରିବାରେ ଉନ୍ନତି

# ସହଜ କୃଷି ଦ୍ୱାରା କୃଷକମାନଙ୍କ ଫସଲଗୁଡ଼ିକର ପରିଣାମ

## ସହଜ କୃଷି ଦ୍ୱାରା କୃଷକମାନଙ୍କ ଫସଲଗୁଡ଼ିକର ପରିଣାମ

ଶ୍ରୀ ସାମଲ ଭାଇ ପଟେଲ ,
ପାଲନପୁର,
ମୋ. ୯୪୨୯୦୮୨୬୯

ପରିଣାମ
ପରିବାଗୁଡ଼ିକର ଅଧିକ ଉତ୍ପାଦନ
(ଆଳୁ, ଫୁଲକୋବି,
କୁକ୍‌ବିଟିଜ୍)



## ସହଜ କୃଷି ଦ୍ୱାରା କୃଷକମାନଙ୍କ ଫସଲଗୁଡ଼ିକର ପରିଣାମ

ସହଜ କୃଷି ଦ୍ୱାରା କୃଷକମାନଙ୍କ
ଫସଲଗୁଡ଼ିକର ପରିଣାମ
ଶ୍ରୀ ରାଜେଶ ମାଲୀ, ଉଜ୍ଜୟିନୀ, ମଧ୍ୟ-
ପ୍ରଦେଶ ମୋ. ୯୯୮୧୫୦୮୮୪୭

ପରିଣାମ
ଗୋଲାପ ଆକର୍ଷକ, ବାସ୍ନାଯୁକ୍ତ
ବଡ଼ ଆକାରର ହୋଇଥିବାରୁ
ଲାଭରେ ବୃଦ୍ଧି



## ସହଜ କୃଷି ଦ୍ୱାରା କୃଷକମାନଙ୍କ ଫସଲଗୁଡ଼ିକର ପରିଣାମ

ଶ୍ରୀ ପ୍ରିୟ ରଞ୍ଜନ ପଲାମୁ
ଡାଲଟନ୍‌ଗଞ୍ଜ, ଝାଡ଼ଖଣ୍ଡ

ପରିଣାମ
ସହଜ ପଦ୍ଧତିରୁ
କୁକୁଡ଼ାପାଳନ, ଧାନ ଓ
ଅମୃତଭଣ୍ଡାର ଚାଷରୁ ଲାଭ



## ସହଜ କୃଷି ଦ୍ୱାରା କୃଷକମାନଙ୍କ ଫସଲଗୁଡ଼ିକର ପରିଣାମ

ଶ୍ରୀ ସନ୍ଦିପ ଦେଶମୁଖ, ସଂଗଲୀ,
ମହାରାଷ୍ଟ୍ର କୃଷିଭୂଷଣ ଆୱାର୍ଡ଼ ୨୦୧୮ରେ
ସମ୍ମାନିତ, ମୋ. ୯୬୬୫୯୪୬୧୮୯

ପରିଣାମ
ସହଜ କୃଷି ପଦ୍ଧତି ଦ୍ୱାରା ଡାଳିମ୍ବର
ଦୁଇଗୁଣା ଲାଭ
ଏକ ଡାଳିମ୍ବର ଓଜନ ୮୦୦ ଗ୍ରାମ୍‌ରୁ
୧ କି.ଗ୍ରା. ପର୍ଯ୍ୟନ୍ତ



## ସହଜ କୃଷି ଦ୍ୱାରା କୃଷକମାନଙ୍କ ଫସଲଗୁଡ଼ିକର ପରିଣାମ

ଶ୍ରୀ ଭରତ କୁମାର ପଟେଲ,
ପାଲନପୁର, ଗୁଜୁରାଟ

ପରିଣାମ
ତରଭୁଜ ଉତ୍ପାଦନରେ ବୃଦ୍ଧି



## ସହଜ କୃଷି ଦ୍ୱାରା କୃଷକମାନଙ୍କ ଫସଲଗୁଡ଼ିକର ପରିଣାମ

ଶ୍ରୀ ଟଂକା ଗୌତମ,
ଚିତବନ, ନେପାଳ

ପରିଣାମ
ଅମୃତଭଣ୍ଡାର ଅଧିକ ଉତ୍ପାଦନ
ରୋଗମୁକ୍ତ



## ସହଜ କୃଷି ଦ୍ୱାରା କୃଷକମାନଙ୍କ ଫସଲଗୁଡ଼ିକର ପରିଣାମ

ଶ୍ରୀ ନରେନ୍ଦ୍ର କୁମାର ଛାଓଡ଼ା, ଜିଲ୍ଲା
ବରନ, ରାଜସ୍ଥାନ,
ମୋ. ୯୦୭୯୨୩୮୦୨୧

ପରିଣାମ
ବନ୍ଧାକୋବି ଓ ରସୁଣର ଅଧିକ
ଉତ୍ପାଦନ



## ସହଜ କୃଷି ଦ୍ୱାରା କୃଷକମାନଙ୍କ ଫସଲଗୁଡ଼ିକର ପରିଣାମ

କୁଳପତି, କୃଷି
ବିଶ୍ୱବିଦ୍ୟାଳୟ, ଆଜମେର
ଆଇସିଏଆର, ନୂଆଦିଲ୍ଲୀ,
କୃଷି ଉପଜ ମଣ୍ଡି,
ଉଜ୍ଜୟିନୀ, କ୍ଷେତକାରୀ
ମେଳା, ଅହମ୍ମଦନଗର,
ଓଡ଼ିଶା ଓ ମହାରାଷ୍ଟ୍ର
ସରକାରଙ୍କ ଦ୍ୱାରା ସହଜ
କୃଷିକୁ ଉତ୍କୃଷ୍ଟତା ପୁରସ୍କାର



**ସହଜ ଯୋଗ ଆଜିର ମହାଯୋଗ**

**ସହଜ ଯୋଗ ସମ୍ପୂର୍ଣ୍ଣ ନିଃଶୁଳ୍କ ଅଟେ**

**ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ :**

| କ୍ରମିକ.ନଂ | ନାମ | ଜିଲ୍ଲା | ମୋବାଇଲ ନଂ./ଲ୍ୟାଣ୍ଡ୍ ଲାଇନ୍ |
|---|---|---|---|
| ୧. | **କର୍ଣ୍ଣେଲ ଶଶାଙ୍କ ଶେଖର ସ୍ୱାଇଁ,**<br>ରାଜ୍ୟ ସହଜ କୃଷି ସଂଯୋଜକ, ଓଡ଼ିଶା | କଟକ/ଜଗତ୍‌ସିଂହପୁର | ୯୬୦୬୭୬୨୮୧୮/<br>୬୭୨୪୨୩୮୩୮୯ |
| ୨. | **ଶ୍ରୀ କଳାକାର ଦାସ,** ଭୁବନେଶ୍ୱର<br>ରାଜ୍ୟ ସହଜ କୃଷି ଯୁଗ୍ମ ସଂଯୋଜକ, ଓଡ଼ିଶା | | ୯୮୬୧୨୨୮୦୪୪ |
| ୩. | **ପ୍ରଫେସର୍ ବିଜୟ କୁମାର ମହାନ୍ତି**<br>ପରାମର୍ଶଦାତା, ସହଜ କୃଷି ଓଡ଼ିଶା | | ୯୪୩୭୩୬୦୯୯୮ |
| ୪. | **ଶ୍ରୀ ମହେଶ ବିରତିଆ,** | ଝାରସୁଗୁଡ଼ା | ୯୪୩୯୨୧୧୭୭୪ |
| ୫. | **ଶ୍ରୀ ରାଜେଶ ଜୟସ୍ୱାଲ,** | ଝାରସୁଗୁଡ଼ା | ୯୫୮୩୭୧୬୫୫୯ |
| ୬. | **ଶ୍ରୀମତୀ ପ୍ରମୋଦିନୀ ପ୍ରଧାନ,** | ବରଗଡ଼ | ୮୭୬୩୯୩୭୫୯୨ |
| ୭. | **ଶ୍ରୀ ସୁଦର୍ଶନ ମହାନ୍ତୋ,** | ରାଇରଙ୍ଗପୁର | ୯୪୩୮୦୫୯୪୦୮ |
| ୮. | **ଶ୍ରୀ ସୁରେଶ ମିଶ୍ର,** | ନୟାଗଡ଼/ଭୁବନେଶ୍ୱର | ୭୩୨୭୦୩୫୩୩୩ |
| ୯. | **ଶ୍ରୀ ନିରାକାର ନାୟକ,** | କୋମଣ୍ଡା, ନୟାଗଡ଼ | ୭୭୩୫୭୨୪୭୩୧ |
| ୧୦. | **ଶ୍ରୀ ସୁମନ୍ତ ନାୟକ,** | କଳାହାଣ୍ଡି | ୯୫୫୬୦୪୨୩୬୩ |
| ୧୧. | **ଶ୍ରୀ ଚକ୍ରାନ୍ତ ଜେନା,** | ରାଉରକେଲା | ୮୨୬୦୯୯୮୪୪୦ |
| ୧୨. | **ଶ୍ରୀ ଦୁଃଶାସନ ସାହୁ,** | ବାଲିଚନ୍ଦ୍ରପୁର | ୯୯୩୭୯୪୭୧୬୫ |
| ୧୩. | **ଶ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର,** | ଆସ୍କା | ୯୬୯୨୨୭୨୧୫୭ |
| ୧୪. | **ଶ୍ରୀ ଆଜାଦ୍ ସିଂ**<br>Chair Person, Krishi Committee | | ୯୭୧୧୮୭୮୪୯୯ |
| ୧୫. | **ଶ୍ରୀ ଜି.ଡି. ପାରିକ୍**<br>National Co-ordinator, Rural / Agriculture | | ୯୮୨୮୪୫୧୫୧୪ |
| ୧୬. | **ଶ୍ରୀ ପ୍ରିୟ ରଞ୍ଜନ କାନୁନ୍‌ଗୋ**<br>State Co-ordinator, Odisha | | ୮୦୧୮୧୦୪୩୬୫ |